# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 20 July - 2024

### News Editor : Tapan Kumar Maharana

**********************************

## ମୁଖ୍ୟ ସମ୍ବାଦ

- ବିକଶିତ ଓଡ଼ିଶା ଗଠନ ନେଇ ବିଜେପି ରାଜ୍ୟ ଶାଖା କାର୍ଯ୍ୟକାରିଣୀ ବୈଠକରେ ଚାଲିଛି ଆଲୋଚନା

– ଦୁଇଦିନିଆ ବୈଠକ ଆଜି ହେବ ଉଦ୍‌ଯାପିତ

- ପଦ୍ମଶ୍ରୀ କମଳା ପୂଜାରୀଙ୍କ ପରଲୋକ

– ଦୁଃଖ ପ୍ରକାଶ କଲେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

- ପ୍ରକାଶ ପାଇଲା ଯୁକ୍ତ ଦୁଇ ପ୍ରଥମ ପର୍ଯ୍ୟାୟ ମେଧାତାଲିକା

– ନାମଲେଖା ପାଇଁ ୪ ଲକ୍ଷ ୨୬ ହଜାର ୪୭୨ ଜଣ ଯୋଗ୍ୟ ବିବେଚିତ

ଏବଂ

- ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ଲାଗି ରହିବ ବର୍ଷା

– ତଳିଆ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଲେ ସ୍ୱତନ୍ତ୍ର ରିଲିଫ୍ କମିଶନର

**Desk**

## ବିଜେପିର କାର୍ଯ୍ୟକାରିଣୀ ବୈଠକ

ପୁରୀଠାରେ ଚାଲିଥିବା ରାଜ୍ୟ ବିଜେପିର କାର୍ଯ୍ୟକାରିଣୀ ବୈଠକର ଆଜି ଦ୍ୱିତୀୟ ଦିନରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଛନ୍ତି। ବୈଠକରେ କେତେକ ପ୍ରସ୍ତାବ ଗୃହୀତ ହେବାର କାର୍ଯ୍ୟକ୍ରମ ରହିଛି। ବୈଠକ ପୂର୍ବରୁ ଗଣମାଧ୍ୟମକୁ ସୂଚନା ଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିକଶିତ ଓ ଆତ୍ମନିର୍ଭର ଓଡ଼ିଶା ଗଠନ ଲାଗି ରାଜ୍ୟର ବିଜେପି ସରକାର ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ। ଆଜିର ବୈଠକରେ ଆଲୋଚନା ପାଇଁ ସ୍ଥାନିତ ହୋଇଥିବା ପ୍ରସ୍ତାବଗୁଡ଼ିକ ମଧ୍ୟରେ ବିକଶିତ ଓଡ଼ିଶା ଗଠନ, ଭାଷାଭିତ୍ତିକ ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତ୍ତି ସମ୍ପର୍କିତ ସଂକଳ୍ପ ରହିଛି। ସେ କହିଛନ୍ତି...

**- V/O –**

**HS/Cuttack/Desk**

## କମଳା ପୂଜାରୀଙ୍କ ପରଲୋକ

ପଦ୍ମଶ୍ରୀ କମଳା ପୂଜାରୀଙ୍କ ଆଜି ୭୦ ବର୍ଷ ବୟସରେ ପରଲୋକ ଘଟିଛି। ଦୁଇଦିନ ପୂର୍ବେ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଆଜି ସକାଳେ ଚିକିତ୍ସାଧୀନ

ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ସେ ଫୁସ୍‌ଫୁସ୍ ସଂକ୍ରମଣ ଓ କିଡ୍‌ନୀ ଜନିତ ରୋଗରେ ପିଡ଼ୀତ ଥିଲେ। ପୂର୍ବରୁ ସେ ଚିକିତ୍ସା ନିମନ୍ତେ ଚାରିଥର କଟକ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ତାଙ୍କ ମରଶରୀରକୁ କୋରାପୁଟ ପଠାଯାଇଥିବା ଜଣାପଡ଼ିଛି। ତାଙ୍କ ଗ୍ରାମରେ ଶେଷକୃତ୍ୟ କରାଯିବ ବୋଲି ସାନପୁଅ ଟଙ୍କଧର ସୂଚନା ଦେଇଛନ୍ତି।

୨୦୧୯ ମସିହାରେ କମଳା ପୂଜାରୀଙ୍କୁ ବିଭିନ୍ନ କିଶମର ଧାନ ସଂରକ୍ଷଣ ପାଇଁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

ରାଜ୍ୟପାଳ ରଘୁବର ଦାସ ପଦ୍ମଶ୍ରୀ କମଳା ପୂଜାରୀଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ରାଜ୍ୟପାଳ ଶ୍ରୀ ଦାସ କହିଛନ୍ତି, ଚାଷକୁ ପ୍ରୋତ୍ସାହିତ କରିବା ଏବଂ ସ୍ୱଦେଶୀ ଧାନର ବିହନକୁ ସଂରକ୍ଷିତ କରିବାର ଉଦ୍ୟମ ପାଇଁ ତାଙ୍କୁ ସର୍ବଦା ସ୍ମରଣ କରାଯିବ।

ପଦ୍ମଶ୍ରୀ କମଳା ପୂଜାରୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକପ୍ରକାଶ କରିଛନ୍ତି। ସେ କହିଛନ୍ତି, ସ୍ୱର୍ଗତଃ ପୂଜାରୀ ଜଣେ ଅସାଧାରଣ ଗୁଣି, ସାଧିକା ଓ ତ୍ୟାଗୀ ମହିଳା ଥିଲେ। ଶତାଧିକ

ସ୍ୱଦେଶୀ ଧାନ ଓ ଅନ୍ୟାନ୍ୟ ଶସ୍ୟର ବିହନ ସଂରକ୍ଷଣ କରି ଏବଂ ଜୈବିକ ଚାଷକୁ ପ୍ରୋତ୍ସାହନ ଦେଇ ସେ ମଣିଷ ସମାଜ ପାଇଁ ଏକ ସୁନ୍ଦର ଭବିଷ୍ୟତ ସଂରକ୍ଷିତ କରୁଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତାଙ୍କ ବିୟୋଗ ସାରା ଦେଶ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ତାଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଦ୍ମଶ୍ରୀ କମଳା ପୂଜାରୀଙ୍କ ବିୟୋଗରେ ଶୋକପ୍ରକାଶ କରି କହିଛନ୍ତି। ଜନଜାତି ସମୁଦାୟରୁ ଆସି ଜୈବିକ ଚାଷ କ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନ ଚିରସ୍ମରଣୀୟ ହୋଇ ରହିବ। ଏକ ସାମାଜିକ ଗଣମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ବିଭିନ୍ନ କିଶମର ଧାନ ସଂରକ୍ଷଣ କରିବା ଦିଗରେ ସେ ଦେଶରେ ଉଦାହରଣ ସୃଷ୍ଟି କରିଥିଲେ।

କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପଦ୍ମଶ୍ରୀ କମଳା ପୂଜାରୀଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିବା ସହ ଲୋପ ପାଇଯାଉଥିବା ସ୍ୱଦେଶୀ ଧାନ ବିହନ କିଶମର ସଂରକ୍ଷଣ ଏବଂ ଜୈବିକ ପଦ୍ଧତିରେ ବିଭିନ୍ନ ପ୍ରକାରର ଧାନ ଉତ୍ପାଦନ କରିବା ଦିଗରେ ତାଙ୍କର ଅବଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମଶ୍ରୀ କମଳା ପୂଜାରୀଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିବା ସହ ସାମାଜିକ ଗଣମାଧ୍ୟମ ଏକ୍ସରେ

କହିଛନ୍ତି, ଜୈବିକ ଚାଷକୁ ପ୍ରୋତ୍ସାହିତ କରିବା ଦିଗରେ ତାଙ୍କର ବିରଳ କୃତିତ୍ୱ ସର୍ବଦା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।

***Desk***

## ଯୁକ୍ତ ଦୁଇ ମେଧାତାଲିକା ପ୍ରକାଶ

ରାଜ୍ୟରେ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ, ସଂସ୍କୃତ ଓ ଧନ୍ଦାମୂଳକ ଶିକ୍ଷାରେ ନାମଲେଖା ପାଇଁ ପ୍ରଥମ ମେଧାତାଲିକା ଓ କଟ୍ ଅଫ୍ ମାର୍କ ପ୍ରକାଶ ପାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଯୁକ୍ତ ଦୁଇ ବିଜ୍ଞାନରେ କଟ୍ ଅଫ୍ ମାର୍କରେ ଶୀର୍ଷରେ ରହିଛି। ରେଭେନ୍ସାରେ ବିଜ୍ଞାନରେ ନାମଲେଖା ପାଇଁ ୯୧ ଦଶମିକ ୫ ପ୍ରତିଶତ କଟ୍ ଆଫ୍ ମାର୍କ ଧାର୍ଯ୍ୟ କରାଯାଇଥିବା ବେଳେ ବାଣିଜ୍ୟରେ ୭୭ ପ୍ରତିଶତ ଏବଂ କଳାରେ ୭୫ ଦଶମିକ ୧/୭ ପ୍ରତିଶତ କଟ୍ ଅଫ୍ ମାର୍କ ରହିଛି। ସେହିପରି ଭୁବନେଶ୍ୱର ବିଜେବି କଲେଜରେ କଟ୍ ଅଫ୍ ମାର୍କ ବିଜ୍ଞାନରେ ୮୭ ପ୍ରତିଶତ, ବାଣିଜ୍ୟରେ ୭୦ ପ୍ରତିଶତ ଏବଂ କଳାରେ ୭୨ ଦଶମିକ ୩/୩ ପ୍ରତିଶତ ରହିଛି।

ଅନ୍ୟପକ୍ଷରେ ଯୁକ୍ତ ଦୁଇ ପ୍ରଥମ ପର୍ଯ୍ୟାୟ ନାମଲେଖା ପାଇଁ ଯୋଗ୍ୟତା ତାଲିକା ପ୍ରକାଶ ପାଇଛି। ଏଥିରେ ୪ ଲକ୍ଷ ୨୬ ହଜାର ୪୭୨ ଜଣ ଯୋଗ୍ୟ ବିବେଚିତ ହୋଇଛନ୍ତି।  ସମ୍ପୃକ୍ତ ଛାତ୍ରଛାତ୍ରୀମାନେ ଚଳିତ ମାସ ୨୨ରୁ ୨୭ ତାରିଖ ମଧ୍ୟରେ ନାମ ଲେଖାଇପାରିବେ । ଆସନ୍ତା ଅଗଷ୍ଟ ୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇବ।

ଚଳିତ ବର୍ଷ  ରାଜ୍ୟର ୨ ହଜାର ୩୪୩ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମୋଟ୍ ୫ ଲକ୍ଷ ୪୮ ହଜାର ୨୪୯ଟି ଆସନ ରହିଥିବାବେଳେ ନାମ ଲେଖାଇବା ପାଇଁ ୪ ଲକ୍ଷ ୭୧ ହଜାର ୫୮୭ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି । ସୂଚନା ଅନୁସାରେ ଆସନ୍ତା ଅଗଷ୍ଟ ପହିଲାରୁ ଯୁକ୍ତ ୨ ପ୍ରଥମବର୍ଷ ପାଠପଢ଼ା ଆରମ୍ଭ ହେବ ।

***Desk***

## କ୍ରୀଡ଼ା ପୁରସ୍କାର ନାମ ପରିବର୍ତ୍ତନ

କ୍ରୀଡ଼ା କ୍ଷେତ୍ରରେ ସଫଳତା ଅର୍ଜନ କରୁଥିବା କ୍ରୀଡ଼ାବିତ୍‌ମାନଙ୍କୁ ରାଜ୍ୟ ସରକାର ଦେଉଥିବା ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରର ନାମ ପରିବର୍ତ୍ତନ କରିଛନ୍ତି। ଏଣିକି ଓଡ଼ିଶା ରାଜ୍ୟ କ୍ରୀଡ଼ା ସମ୍ମାନ ନାମରେ ଏହି ପୁରସ୍କାର ଦିଆଯିବ। ପ୍ରତିବର୍ଷ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସରେ ଓଡ଼ିଶାର ସଫଳ କ୍ରୀଡ଼ାବିତ୍, କୋଚ, କ୍ରୀଡ଼ା ସାମ୍ବାଦିକ ଏବଂ କ୍ରୀଡ଼ା ପ୍ରତିଷ୍ଠାନଗୁଡ଼ିକୁ ଏହି ପୁରସ୍କାର ଦିଆଯାଇଥାଏ।

***Raygada***

## ରାୟଗଡ଼ା-ସମ୍ମିଳନୀ

ଭାରତ ସରକାରଙ୍କ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ଓଡ଼ିଶା ଅନୁସୂଚିତ ଜାତି ଓ ଉପଜାତି ବାଣିଜ୍ୟ ଓ ଶିଳ୍ପ ସଂଗଠନ ତରଫରୁ ପ୍ରଥମଥର ପାଇଁ ଜି.ଆଇ.ଇ.ଟି ବିଶ୍ୱବିଦ୍ୟାଳୟ ଗୁଣୁପୁରଠାରେ ରାୟଗଡ଼ା ଖାଦ୍ୟ ପ୍ରକ୍ରିୟାକରଣ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ଗୁଣୁପୁର ଉପଜିଲ୍ଲାପାଳ କିରନଦୀପ କୌର ସାହୋଟା ମୁଖ୍ୟ ଅତିଥିଭାବେ ଏହି

ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି । ସମ୍ମିଳନୀରେ ବିଭିନ୍ନ ଉଦ୍ୟୋଗୀଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ ।

***Ganjam***

## ଡ୍ୟାମ ନିର୍ମାଣ ପ୍ରସ୍ତାବ

ଗଞ୍ଜାମ ଜିଲ୍ଲା ପିପଲପଙ୍କାଠାରେ ଡ୍ୟାମ୍ ନିର୍ମାଣ ପ୍ରସ୍ତାବ ପ୍ରତ୍ୟାହାର ଓ ବେଆଇନ୍ ବାଲିଉଠାଣ ବନ୍ଦ କରିବା ଦାବି ନେଇ ଋଷିକୂଲ୍ୟ ନଦୀ ବଞ୍ଚାଅ ଅଭିଯାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନା ଅନୁଯାୟୀ, ଋଷିକୂଲ୍ୟାର ଉପନଦୀ ଗୁଡ଼ିକରେ ଡ୍ୟାମ ନିର୍ମାଣ ହେଲେ କୃଷ୍ଣପ୍ରସାଦ ବ୍ଲକରେ ଥିବା ମେଗା ଜଳଯୋଗାଣ ପ୍ରକଳ୍ପ ଅଦରକାରୀ ହୋଇପଡ଼ିବ ବୋଲି କୁହାଯାଇଛି ।

***Nuapada***

## ପୁଲିସକୁ ଆକ୍ରମଣ

ନୂଆପଡ଼ା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ବାରକୋଟ ଗ୍ରାମକୁ ଚାରିଜଣ ଅଭିଯୁକ୍ତଙ୍କୁ ଆଇନବିହୀନ ପରୱାନା ବଳରେ ଗିରଫ କରିବାକୁ ଯାଇଥିବା ପୁଲିସ ଉପରେ ଆକ୍ରମଣ କରାଯାଇଛି । ଗୋଟିଏ ପେଟ୍ରୋଲିଂ ଗାଡ଼ିରେ ୮ ଜଣ ପୁଲିସ ଅଧିକାରୀ ଏବଂ ସୁରକ୍ଷାକର୍ମୀ ଯାଇଥିବା ବେଳେ ଲୋକମାନଙ୍କ ଆକ୍ରମଣରେ ୬ ଜଣ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି । ଆହତ ପୁଲିସ କର୍ମଚାରୀମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ ହୋଇଛି । ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି । ଦକ୍ଷିଣ ଓଡ଼ିଶାରେ ବର୍ଷାର ପରିମାଣ ଅଧିକ ହୋଇଛି । ଏହି ପରିସ୍ଥିତି ଆଗାମୀ ୨ ଦିନ ପର୍ଯ୍ୟନ୍ତ ଲାଗି ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ପ୍ରବଳ ବର୍ଷା ଯୋଗୁଁ ମାଲକାନଗିରି ଏବଂ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ସଡ଼କ ଯୋଗାଯୋଗ ବ୍ୟାହତ ହୋଇଛି । ଏହି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର ନିର୍ଦ୍ଦେଶ ଦେଇଛନ୍ତି । ଆବଶ୍ୟକ ପଡ଼ିଲେ ତଳିଆ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କନ୍ଧମାଳ, ବୌଦ୍ଧ, କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ାରେ ଆଜି ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

ତେବେ ରାଜ୍ୟରେ ବର୍ଷାସ୍ଥିତି ନାହିଁ ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ଶନିବାର ଜଳଭଣ୍ଡାରର ଜଳସ୍ତର ବଢ଼ିବା ପରେ ସ୍ଥିତି ସୁଧୁରିଛି ଏବଂ ହଠାତ୍ ବର୍ଷା ଆସିବା ଯୋଗୁଁ କେତେକ

ସ୍ଥାନରେ ବନ୍ୟାଭଳି ପରିସ୍ଥିତି ସୃଷ୍ଟି ହୋଇଛି । ସେ କହିଛନ୍ତି, ଏବେ ହୀରାକୁଦରେ ଜଳସ୍ତର ୧୧ ଫୁଟ ତଳେ ରହିଛି ।

ଅନ୍ୟପକ୍ଷରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମ୍ଭାବ୍ୟ ବର୍ଷାଜନିତ ବନ୍ୟା ନେଇ ପୁରୀଠାରେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସହ ଆଲୋଚନା କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି ଜିଲ୍ଲା ଖଇରପୁଟ୍ ବ୍ଲକରେ ସର୍ବାଧିକ ୨୨୧ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ ହେବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

ଅନ୍ୟପକ୍ଷରେ ରାଜ୍ୟରେ ଜୁନ୍ ୧ ତାରିଖରୁ ଆଜି ପର୍ଯ୍ୟନ୍ତ ୩୩୨ ଦଶମିକ ୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ସ୍ୱାଭାବିକ ବର୍ଷା ତୁଳନାରେ ୨୦ ପ୍ରତିଶତ କମ୍ ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂଚନା ଦେଇଛି ।

***Malakangiri***

## ମାଲକାନଗିରି-ବନ୍ୟା

ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ କାଲିମେଳାରୁ ମୋଟୁକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା ଓ ଏମ୍ଭି-୯୬ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି । ସେହିପରି ପୋଟେରୁ ଏମ୍ଭି-୯୦ ଓ ୩୭ ନମ୍ବର ପୋଲ

ଉପରେ ମଧ୍ଧ ୩ରୁ ୪ ଫୁଟ ଉଚ୍ଚର ଜଳ ପ୍ରବାହିତ ହେଉଥିବାରୁ ମାଲକାନଗିରିରୁ କାଲିମେଳା ଓ ମୋଟୁ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବନ୍ୟାଜଳ ପ୍ରବାହିତ ହେଉଥିବା ପୋଲଗୁଡ଼ିକର ଦୁଇପାର୍ଶ୍ୱରେ ପୁଲିସ ମୁତୟନ କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

***Gajapati***

## ଗଜପତି- ବର୍ଷା

ଗଜପତି ଜିଲ୍ଲାରେ ଲଘୁଚାପଜନିତ ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ତଳିଆ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ଲାଗି ପଦକ୍ଷେପ ନେବାକୁ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଚିହ୍ନଟ ହୋଇଥିବା ୧୨୯ଟି ଭୂସ୍ଖଳନ ସ୍ଥାନରେ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ କୌଣସି କର୍ମଚାରୀ ମୁଖ୍ୟାଳୟ ଛାଡ଼ି ନ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାରମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀ ସମେତ ସ୍କୁଲ ଓ କଲେଜ ଗୃହଗୁଡ଼ିକୁ ଜରୁରୀକାଳୀନ ପରିସ୍ଥିତି ନିମନ୍ତେ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ରାୟଗଡ଼ା-ବର୍ଷା

ରାୟଗଡ଼ା ଜିଲ୍ଲାରେ ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ସତର୍କତା ଅବଲମ୍ବନ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସମୟ ମଧ୍ୟରେ କୌଣସି ଅଧିକାରୀ ବିନା ଅନୁମତିରେ ଜିଲ୍ଲା ବାହାରକୁ ଯାଇପାରିବେ ନାହିଁ ବୋଲି କୁହାଯାଇଛି । ଅନ୍ୟପକ୍ଷରେ ବନ୍ୟା ବିପର୍ଯ୍ୟୟ ପରିଚାଳନା କରୁଥିବା ବିଭାଗଗୁଡ଼ିକ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିବା ସହ ଜିଲ୍ଲା ଜରୁରୀକାଳୀନ ବିଭାଗକୁ ପାଣିପାଗ ସତର୍କ ସୂଚନା ସମ୍ପର୍କରେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାପାଳ ରାୟଗଡ଼ା ଜିଲ୍ଲାରେ ଥିବା ଅସ୍ଥାୟୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ଯୋଗାଣ ଅଧିକାରୀ, ଗ୍ରାମୀଣ ଜଳଯୋଗାଣ ସଂସ୍ଥା, ଜନସ୍ୱାସ୍ଥ୍ୟ ବିଭାଗକୁ ଶୁଖିଲା ଖାଦ୍ୟ, ଔଷଧପତ୍ର ଓ ପାନୀୟ ଜଳ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ରାସ୍ତାଘାଟ ମରାମତି, ବିଦ୍ୟୁତ ଯୋଗାଣ ଓ ଅନ୍ୟାନ୍ୟ ଜରୁରୀକାଳୀନ କାର୍ଯ୍ୟ ନିମନ୍ତେ ବିଭାଗୀୟ କର୍ମଚାରୀଙ୍କ ସମେତ ଅଗ୍ନିଶମ ଓ ଓଡ୍ରାଫ୍ ଟିମକୁ ସଜାଗ ରହିବାକୁ କୁହାଯାଇଛି ।

**********************************